# ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,
## ଢେଙ୍କାନାଳ

e-mail : dkl.dipro@gmail.com
Tel. No. - (06762) 224414


ପତ୍ର ସଂଖ୍ୟା ---୧୯୪----/ସୂ.ଲୋ.ସଂ                ତା.୧୮/୦୭/୧୬------

ଦେବୋତ୍ତର ଉପଦେଷ୍ଟା କମିଟି ବୈଠକ —
ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ବିଜେଙ୍କ ସୁନା ଆଭୂଷଣ ନିମନ୍ତେ ଦାନ ସଂଗ୍ରହ ନିମନ୍ତେ ଆଲୋଚନା ।

ଢେଙ୍କାନାଳ, ତା.୧୮/୦୭- ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍ଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଶ୍ରୀ ଉମେଶ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଦେବୋତ୍ତର ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ବିଜେଙ୍କ ସୁନାବେଶ ଉତ୍ସବ ସମୟରେ ସମସ୍ତ ଆଭୂଷଣ ସୁନାରେ ନିର୍ମିତ ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ସୁନା ଆଭୂଷଣ ପାଇଁ ଦାନ କରିବାକୁ ଜନସାଧାରଣଙ୍କୁ, ବିଭିନ୍ନ ଗଣମାଧ୍ୟମ ଦ୍ୱାରା ପ୍ରଚାର କରାଯାଇ ଅବଗତ କରାଯିବା ସହିତ ଏଥି ନିମନ୍ତେ ଏକ ସ୍ୱତନ୍ତ୍ର ଆକାଉଣ୍ଟ ଖୋଲାଯିବ । ଇଚ୍ଛାଳୁ ଦାତାମାନେ ଏହି ଆକାଉଣ୍ଟରେ ସେମାନଙ୍କ ଦାନରାଶି ଅନ୍‌ଲାଇନ୍ ମାଧ୍ୟମରେ ଜମା କରିପାରିବେ । ଏହା ଛଡ଼ା ଇଚ୍ଛୁକ ଦାତାମାନେ ନଗଦ ରାଶି ଓ ସୁନା ସିଧା ଦାନ କରିପାରିବେ । ଏଥି ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ, ସଦର ଉପ-ଜିଲ୍ଲାପାଳ ଡା. ନିର୍ଜରୀ ଅପ୍ରମେୟୀ, ଦେବୋତ୍ତରଙ୍କୁ ପରାମର୍ଶ ଦେଇଛନ୍ତି । ଭକ୍ତମାନଙ୍କ ଦେଇଥିବା ସୁନା ଆଦି ଜିଲ୍ଲା ଟ୍ରେଜେରୀରେ ସୁରକ୍ଷିତ ରଖାଯିବାର ବ୍ୟବସ୍ଥା କରାଯିବ ।

ଶ୍ରୀ ଶ୍ରୀ ରାମ ମେଳଣ ପୀଠ କମିଟି ପୂଜା ଆନୁଷ୍ଠାନ ନିମନ୍ତେ ସମସ୍ତ କାର୍ଯ୍ୟ ଭକ୍ତମାନେ ଦାନ କରିବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ । ଜିଲ୍ଲାର ପ୍ରମୁଖ ତୀର୍ଥକ୍ଷେତ୍ର ଓ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟ-କରଣ କରାଯାଇ ଅଧିକ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉଛି । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ୧ କୋଟି ଟଙ୍କାର ଅନୁଦାନ ରାଶିରେ ତୀର୍ଥଯାତ୍ରୀ ସୁବିଧା କେନ୍ଦ୍ର, ସ୍ଥାୟୀ ଶୌଚାଳୟ, ଯାତ୍ରୀଙ୍କ ଜଳ ବ୍ୟବସ୍ଥା, ପାହାଡ଼ରେ ଲାଇଟ୍ ବ୍ୟବସ୍ଥା, ସ୍ଥାୟୀ ଆଲୋକୀକରଣ କାର୍ଯ୍ୟ ଆଦି କମିଟିର ମାଧ୍ୟମରେ ୨ ମାସ ମଧ୍ୟରେ ଶେଷ କରାଯାଇପାରିବ ବୋଲି ସେ ପ୍ରକାଶ କରିଥିଲେ ।

କେଉଁଝର ଜେଲ୍ଲାପାଳ ଲୁକଗାଡ଼ ଶ୍ରୀ ଲୁଣ୍ଡୁ ଏବଂ କେଦାର ସଂଦେଶ ପ୍ରଭୁ ଶ୍ରୀ ଶ୍ରୀ ରାମ ମେଳଣ ପୀଠ କମିଟି ପୂଜାମେଳା ନିମନ୍ତେ ସମସ୍ତ ପ୍ରକାର ସହଯୋଗ କରିବାକୁ ସମ୍ମତି ପ୍ରକାଶ କରିଥିଲେ ।

ଶ୍ରୀ ଶ୍ରୀ ରାମ ମେଳଣ ପୀଠ କମିଟି ପୂଜାମେଳା ନିମନ୍ତେ ସମ୍ପାଦକ ଶ୍ରୀଙ୍କ ୫ କେ.ଜି. ରୂପାର ଆଶୀର୍ବାଦ ଦେଇଥିବା ବୋଲି ଉପ-ଜିଲ୍ଲାପାଳ-ଙ୍କ ନିର୍ବାହୀ ଅଧିକାରୀ, ତେଲକୋଇ ଶ୍ରୀ ଶାନ୍ତନୁ ପ୍ରଧାନ ପ୍ରକାଶ କରିଥିଲେ । କମିଟିର ପାଣ୍ଠିରେ ଥିବା ଧନରାଶିରୁ ସହାୟତା, ତୀର୍ଥଯାତ୍ରୀମାନଙ୍କ ନିମନ୍ତେ ବିଶ୍ରାମ ସ୍ଥଳୀ ନିର୍ମାଣ, ସେବାୟତମାନଙ୍କ ନିମନ୍ତେ ରହଣି ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ ।
ତେଲକୋଇର କମିଟିର ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ସେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ ।

ବୈଠକରେ ସପ୍ତଶଯ୍ୟାର ଉନ୍ନତିବିଧାନ ଓ ସୌନ୍ଦର୍ଯ୍ୟକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶଶାଙ୍କ ଶେଖର ଦାସ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନରୋତ୍ତମ ବେହେରା, କାମାଖ୍ୟାନଗର ଉପ-ଜିଲ୍ଲାପାଳ ଶ୍ରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ହିନ୍ଦୋଳ ଉପଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବୃନ୍ଦାରାଣୀ ମିଶ୍ର, ଡି.ଏସ୍.ପି., ଡି.ଆଇ.ବି., ଶ୍ରୀ ଅରୁଣ କୁମାର ସାହୁ, ଜିଲ୍ଲା ସଂସ୍କୃତି ସଂଯୋଜକ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର, ମାନ୍ୟବର ସାଂସଦ, ଲୋକସଭା, ଢେଙ୍କାନାଳଙ୍କ ପ୍ରତିନିଧି ଶ୍ରୀ ଗୁରୁ ପ୍ରସାଦ ମିଶ୍ର, ଜୋରନ୍ଦାର ଉପଦେଷ୍ଟା କମିଟିର ସଦସ୍ୟଗଣ, ସେବାନୁଷ୍ଠାନ ପ୍ରତିନିଧି, ବରିଷ୍ଠ ବନାଞ୍ଚଳ ଅଧିକାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

— x —

ଜିଲ୍ଲା ସୂଚନା ଓ ଲୋକ
ସମ୍ପର୍କ ଅଧିକାରୀ
ଢେଙ୍କାନାଳ